# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 1st September – 2025

********************************

## ମୁଖ୍ୟ ସମ୍ବାଦ

- ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଓଡ଼ିଶାର ଯୁବକମାନଙ୍କ ପାଇଁ ସୁଯୋଗ ସୃଷ୍ଟି ଲାଗି ପଦକ୍ଷେପ ନେଉଛନ୍ତି ସରକାର

– ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କଲେ ଆଇ.ଏଫ୍.ଏସ୍. ଅଧିକାରୀଙ୍କ ପ୍ରତିନିଧି ଦଳ

- ଶିକ୍ଷା ପ୍ରଣାଳୀର ବିକାଶରେ କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି; ଏନ୍.ସି.ଆର୍.ଟି.'ର ପ୍ରତିଷ୍ଠା ଦିବସରେ କହିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

- ଆୟୁଷ ଡାକ୍ତରଖାନାରେ ନିଦାନ ବ୍ୟବସ୍ଥାରେ ରୋଗୀଙ୍କୁ ମିଳିବ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହେଲା ୧୪ତମ ଓଡ଼ିଶା ରାଜ୍ୟ ସୁଟିଂ ଚାମ୍ପିଅନସିପ୍

BBSR/R

## ମୁଖ୍ୟମନ୍ତ୍ରୀ- ଦକ୍ଷତା ବିକାଶ

ଯୁବପିଢ଼ିଙ୍କ ଦକ୍ଷତା ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ୟୁରୋପୀୟ ଦେଶଗୁଡ଼ିକରେ ଓଡ଼ିଶାର ଯୁବକମାନଙ୍କ ପାଇଁ ବିଭିନ୍ନ ସୁଯୋଗ ସୃଷ୍ଟି ଲାଗି ପ୍ରୟାସ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ୨୦୦୦ ଏବଂ ୨୦୦୧ ମସିହାର ଭାରତୀୟ ବୈଦେଶିକ ସେବାର ଅଧିକାରୀମାନେ ଆଜି ଶ୍ରୀ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶ୍ୱସ୍ତରରେ ରାଜ୍ୟର କଳା ଓ ସଂସ୍କୃତି ପ୍ରଚାର ପ୍ରସାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।  ଏହି ପ୍ରତିନିଧି ଦଳରେ ଭାରତ ପକ୍ଷରୁ ରୋମାନିଆରେ ଅବସ୍ଥାପିତ ରାଷ୍ଟ୍ରଦୂତ ଡକ୍ଟର ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆରେ ଅବସ୍ଥାପିତ ଅମିତ ନାରଙ୍ଗ ଏବଂ ମାଲଟାରେ ଅବସ୍ଥାପିତ ଗ୍ଲୋରିଆ ଗାଙ୍ଗଟେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି।

Puri

## ମୁଖ୍ୟମନ୍ତ୍ରୀ- ଶ୍ରୀମନ୍ଦିର ପରିଚାଳନା କମିଟି

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ସଦସ୍ୟମାନେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ କମିଟିର ସଦସ୍ୟମାନେ ଶ୍ରୀମନ୍ଦିରରେ ନୀତିକାନ୍ତି, ପର୍ବପର୍ବାଣିକୁ ଶୃଙ୍ଖଳିତ ଭାବେ ପରିଚାଳନା ଓ ସହରର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ପୁରୀକୁ ଦେଶର ସର୍ବଶ୍ରେଷ୍ଠ

ଧର୍ମୀୟ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ଏନ୍‌ସିଆର୍‌ଟି ପ୍ରତିଷ୍ଠା ଦିବସ

ଶିକ୍ଷା ପ୍ରଣାଳୀରେ ଡିଜିଟାଲୀକରଣ ଏବଂ କୃତ୍ରିମ ବୁଦ୍ଧିମତାର ଏକୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି  କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦିଲ୍ଲୀରେ ଆଜି ଏନ୍.ସି.ଆର୍.ଟି.ର ୬୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ' ଦେଶର ଶିକ୍ଷାକ୍ଷେତ୍ରର ପ୍ରଗତିରେ ଏନ୍.ସି.ଆର୍.ଟି.ର ଭୂମିକାକୁ ଉଚ୍ଚପ୍ରଶଂସା କରି କହିଛନ୍ତି, ଏହା ସଂସ୍କାରମୁଖୀ, ପ୍ରଯୁକ୍ତିଚାଳିତ ଏବଂ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଉପରେ ଧ୍ୟାନ କେନ୍ଦ୍ରିତ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିତୋଳୁଛି। ଛାତ୍ରଛାତ୍ରୀଙ୍କ ସମାଲୋଚନା ମୂଳକ ଏବଂ ସୃଜନଶୀଳ ଚିନ୍ତାଧାରାର ବିକାଶ ହେଲେ ୨୦୪୭ ମସିହା ସୁଦ୍ଧା ସମୃଦ୍ଧ ଭାରତ ଗଠନର ଲକ୍ଷ୍ୟ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ' ଦୀକ୍ଷା-୨.୦ର ଶୁଭାରମ୍ଭ କରିବା ସହ ଓଡ଼ିଶାର ୧୦୦ ଜଣ ମହାନ୍ ବ୍ୟକ୍ତିତ୍ୱଙ୍କ ଜୀବନୀ ଏବଂ ଅବଦାନ ଉପରେ ରଚିତ ପୁସ୍ତକ 'ଉତ୍କଳ ଜନନୀଙ୍କର ସୁଯୋଗ୍ୟ ସନ୍ତାନ'ର ଉନ୍ମୋଚନ କରିଛନ୍ତି।

CTC/Desk

## ଆଦିବାଣୀ ଆପ୍

କୃତ୍ରିମ ବୁଦ୍ଧିମତା ଆଧାରିତ ‘ଆଦିବାଣୀ ଆପ୍’ ଆଜିଠାରୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି। ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଦିବାସୀ ଭାଷାର ଅନୁବାଦକ ଭାବେ ଏହି ଆପ୍‌କୁ ପ୍ରସ୍ତୁତ କରାଯାଇଛି । ଆଦି କର୍ମଯୋଗୀ ଅଭିଯାନର ଏକ ଅଂଶବିଶେଷ ଭାବେ ‘ଆଦିବାଣୀ ଆପ୍’କୁ କାର୍ଯ୍ୟକାରୀ କରାଯାଉଛି। ଏହି ଆପ୍ ମାଧ୍ୟମରେ ୬ଟି ଆଦିବାସୀ ଭାଷାକୁ ହିନ୍ଦୀ କିମ୍ବା ଇଂରାଜୀରେ ଅନୁବାଦ କରାଯାଇପାରିବ। ସେହି ଭାଷାଗୁଡ଼ିକ ହେଉଛି ଭିଲ୍ଲୀ, ମୁଣ୍ଡାରି, ଗୋଣ୍ଡି, ସାନ୍ତାଳି, କୁଇ ଏବଂ ଗାରୋ। ପ୍ରତ୍ୟେକ ଭାଷା ଆଧାରରେ ବିଶେଷଜ୍ଞଙ୍କ ସହାୟତାରେ ଡାଟାବେସ୍ ପ୍ରସ୍ତୁତ କରାଯାଇଛି। ଏଥିରେ ୬ଟି ଭାଷାର ୧ ଲକ୍ଷ ଲେଖାଏଁ ବାକ୍ୟକୁ ସ୍ଥାନିତ କରାଯାଇଛି। ଆଦିବାସୀ ଗବେଷଣା ପ୍ରତିଷ୍ଠାନ, ଆଇ.ଆଇ.ଟି. ଦିଲ୍ଲୀ, ବିଟ୍ସ ପିଲାନୀ, ହାଇଦ୍ରାବାଦ ଓ ନ୍ୟୁ ରାୟପୁରସ୍ଥିତ ତ୍ରିପଲ ଆଇ.ଟି.ର ବିଶେଷଜ୍ଞଙ୍କ ସହାୟତାରେ ଏହି ଆପ୍‌କୁ ପ୍ରସ୍ତୁତ କରାଯାଇଛି। ରାଜ୍ୟର ଆଦିବାସୀ ସମ୍ପ୍ରଦାୟକଙ୍କ ମଧ୍ୟରେ ସାନ୍ତାଳୀ, କୁଇ ଏବଂ ମୁଣ୍ଡାରି ଭାଷାକୁ ଅଧିକ ବ୍ୟବହାର କରାଯାଇଥାଏ। ଆପ୍‌ର କାର୍ଯ୍ୟକାରିତା ସମ୍ପର୍କରେ ପ୍ରତିକ୍ରିୟା ପ୍ରଦାନ କରିବାର ମଧ୍ୟ ବ୍ୟବସ୍ଥା ଏଥିରେ ରହିଛି।

କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ‘ଆଦି କର୍ମଯୋଗୀ’ ଅଭିଯାନ ମାଧ୍ୟମରେ ସେବା, ସମର୍ପଣ  ଏବଂ ସଂକଳ୍ପ ମନୋଭାବ ନେଇ ବିକଶିତ ଭାରତ ଗଠନ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି

ଅଭିଯାନରେ ଜିଲ୍ଲାର ୨୧ଟି ଗାଁକୁ ସାମିଲ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

Kendrapara

## ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନର ତାରିଖକୁ ରାଜ୍ୟ ସରକାର ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପୂର୍ବରୁ ଏଥିଲାଗି ଆବେଦନର ସୀମା ଅଗଷ୍ଟ ୩୦ ତାରିଖ ଧାର୍ଯ୍ୟ କରାଯାଇଥିଲା ।

Desk

## ନିଦାନ ବ୍ୟବସ୍ଥା

ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆୟୁଷ ଡାକ୍ତରଖାନାରେ ନିଦାନ ବ୍ୟବସ୍ଥା ଲାଗୁ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ନିଦାନ ବ୍ୟବସ୍ଥାରେ ଜନସାଧାରଣ ୧ ହଜାର ୧୦୦ରୁ ଊର୍ଦ୍ଧ୍ୱ ଆୟୁଷ ଡାକ୍ତରଖାନା ସମେତ ୯ଟି ହୋମିଓପ୍ୟାଥି ଏବଂ ଆୟୁର୍ବେଦିକ ମେଡିକାଲ କଲେଜରେ ମୋଟ ୪୦ ପ୍ରକାରର ନିଃଶୁଳ୍କ ରୋଗ ପରୀକ୍ଷାର ସୁବିଧା ପାଇପାରିବେ। ଏହା ସହ ଡାକ୍ତରଖାନାରେ ଆଦାୟ କରାଯାଉଥିବା କ୍ୟାବିନ ବ୍ୟତୀତ ଅନ୍ୟ ସମସ୍ତ ୟୁଜର ଫି’ ମଧ୍ୟ ଛାଡ଼ କରାଯାଇଛି ବୋଲି  ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

**- V/O –**

Desk

## ଓଡ଼ିଶା ଯାତ୍ରୀ ଆପ୍

ପର୍ଯ୍ୟଟକଙ୍କ ସୁବିଧା ପାଇ ରାଜ୍ୟ ସରକାର ଓଡ଼ିଶା ଯାତ୍ରୀ ଆପ୍‌ରେ ଚିଲିକା ବୋଟିଂ ନିମନ୍ତେ ଟିକେଟ୍ କିଣିବା ସୁବିଧାକୁ ଅନ୍ତର୍ଭୁକ୍ତ କରିଛନ୍ତି। ଓଡ଼ିଶା ଯାତ୍ରୀ ଆପ୍ ସହାୟତାରେ ପର୍ଯ୍ୟଟକମାନେ ସାତପଡ଼ାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ପୂର୍ବରୁ ଡିଜିଟାଲ ଟିକେଟ୍ ଯାଞ୍ଚ କରାଯାଇ ଯାତ୍ରୀଙ୍କ ଅନୁମତି ଦିଆଯିବ। ଅନ୍ୟପକ୍ଷରେ, ଆମବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍‌ରେ ଯାତାୟତ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ ହୋଇପାରିବ। ଏହି ଡିଜିଟାଲ ପ୍ଲାଟଫର୍ମ ସହାୟତାରେ ବସ୍ ସେବା ଏବଂ ବୋଟିଂ ଗୋଟିଏ କ୍ଲିକ୍‌ରେ ଉପଲବ୍ଧ ହୋଇପାରିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ି କହିଛନ୍ତି।

Desk

## ଦୁର୍ଗା ପୂଜା ଭସାଣି କଟକଣା

ଦୁର୍ଗାପୂଜା ଭସାଣରେ ଡିଜେ, ଲେଜରଲାଇଟ୍ ଓ ବାଣ ଫୁଟାଇବାକୁ କମିଶନରେଟ ପୁଲିସ ପକ୍ଷରୁ ନିଷେଧ କରାଯାଇଛି। ଭୁବନେଶ୍ୱର ସ୍ଥିତ ପୁଲିସ ସେବା ଭବନରେ ଆଜି ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଦୁର୍ଗାପୂଜା ଭସାଣରେ ପାରମ୍ପରିକ ବାଜାରେ

ମା'ଙ୍କୁ ମେଲାଣି ଦିଆଯିବ ବୋଲି ପୁଲିସ କମିଶନର ଏସ୍.ଦେବଦତ୍ତ ସିଂହ କହିଛନ୍ତି।

Desk

## ଗୋଟିପୁଅ ନୃତ୍ୟ ମହୋତ୍ସବ

ଭୁବନେଶ୍ୱରସ୍ଥିତ ଗୁରୁକେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବର ଆଜି ଉଦ୍‌ଯାପନୀ ଦିବସ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ  ଗୋଟିପୁଅର ମୌଳିକକୁ ଓ ପୂର୍ବକାଳର ବେଶପୋଷାକ ସମ୍ପର୍କିତ ବିଷୟବସ୍ତୁ ଉପରେ ଆଲୋଚନା କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ଅନେକ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଓ ଯୁବକଳାକାରମାନେ ଯୋଗଦେଇ ନିଜର ନୃତ୍ୟକଳା ପ୍ରଦର୍ଶନ କରିଛନ୍ତି।

Malkangiri

## ଉନ୍ନୟନ କାର୍ଯ୍ୟର ସମୀକ୍ଷା

ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଆଜି ପଦ୍ମଗିରି ଏସ୍.ଏସ୍.ଡି ଉଚ୍ଚବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ମଧ୍ୟାହ୍ନ ଭୋଜନର ମାନ ପରଖିବା ସହ ସ୍କୁଲର ଭିତ୍ତିଭୂମି ଓ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଖାଦ୍ୟ ପରଷିବା ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

Kandhamal

# ସାପକାମୁଡ଼ା ସଚେତନତା

କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସାପକାମୁଡ଼ା ଓ ବଜ୍ରପାତ ପ୍ରତି ସାବଧାନତା ସଚେତନତା କାର୍ଯ୍ୟକ୍ରମର ଦିନିକିଆ ଦକ୍ଷତା ତାଲିମ କର୍ମଶାଳା ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଲୋକକଳା ଓ ଆଞ୍ଚଳିକ ଭାଷାରେ ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ସହାୟତାରେ ସ୍ଥାନୀୟ ଲୋକଙ୍କୁ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

Kalahandi

# ରାଷ୍ଟ୍ରୀୟ ଲୋକ ଅଦାଲତ

କଳାହାଣ୍ଡି ଜିଲ୍ଲା କୋର୍ଟ ପରିସରରେ ଆସନ୍ତା ୧୩ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଲୋକ ଅଦାଲତରେ ପଞ୍ଜୀକୃତ ହୋଇଥିବା ଦେୱାନୀ, ଫୌଜଦାରୀ, ପାରିବାରିକ ଆଦି ବିଭିନ୍ନ ମାମଲାଗୁଡ଼ିକର ଫଇସଲା କରାଯିବ। ଏହାର ସୁବିଧା ଯେପରି ଲୋକମାନେ ପାଇପାରିବେ ଓ ପ୍ରଚାର ଓ ପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକ ଉପକୃତ ହୋଇପାରିବେ ଏହି ଲୋକ ଅଦାଲତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୂଚନା ଦେଇଛନ୍ତି।

CTC/Nuapada/Subarpur/M.giri/N.rangpur/Deogarh/BHK/N.garh/Sblpur/B.garh/Boudh/R.gada/K.para/G.pati

# ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଓ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଦୁଇଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ।

କେନ୍ଦ୍ରାପଡ଼ାଠାରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର୍. ଆୟାର ପଞ୍ଜୀକୃତ ହୋଇଥିଲା। ୧୯୫ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବରଗଡ଼ ଭଟ୍‌ଲୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୫୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

ବୌଦ୍ଧ ଜିଲ୍ଲାରେ ଅନୁଷ୍ଠିତ ଶିବିରରେ ୯୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୨୪ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିଲା।

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଶିବିରରେ ୭୭ଟି ଅଭିଯୋଗର ଶୁଣାଣି କରାଯାଇ ୬ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

ସମ୍ବଲପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କର ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଜଣଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଜଣେ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭିନ୍ନକ୍ଷମ ଭତ୍ତାରେ ଅନ୍ତର୍ଭୁକ୍ତ କରାଯିବା ସହ ବ୍ଲାଇଣ୍ଡ ଷ୍ଟିକ୍ ପ୍ରଦାନ କରାଯାଇଛି ।

ନୟାଗଡ଼ଠାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଭିଯୋଗର ଶୁଣାଣି କରି ୨୦ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ ।

ନବରଙ୍ଗପୁର ଜିଲ୍ଲାର ପୌରପାଳିକାଠାରେ ମୋଟ ୫୮ଟି ଅଭିଯୋଗର ଶୁଣାଣି ହୋଇଛି ।

ମାଲକାନଗିରି ଜିଲ୍ଲାରେ ମୋଟ ୪୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ଦେବଗଡ଼ ଜିଲ୍ଲାରେ ଜିଲ୍ଲାପାଳ ୨୮ଟି ଅଭିଯୋଗର ଶୁଣାଣି କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୧୫୮ଟି ଅଭିଯୋଗର ଶୁଣାଣି କରାଯାଇଛି ।

ନୂଆପଡ଼ା, କଟକ, ସୁବର୍ଣ୍ଣପୁରର ଜିଲ୍ଲାରେ ମଧ୍ୟ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।

Desk

# ସୁଟିଂ ଚାମ୍ପିଅନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ୧୪ତମ ଓଡ଼ିଶା ରାଜ୍ୟ ସୁଟିଂ ଚାମ୍ପିଅନସିପ୍ ଆରମ୍ଭ ହୋଇଛି । କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ଚମ୍ପିଆନସିପ୍‌ରେ ୫୦ ମିଟର ଏୟାର ରାଇଫଲ, ୨୫ ମିଟର ଓ ୧୦ ମିଟର ଏୟାର ପିସ୍ତଲ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଉଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ମହିଳା ଓ ପୁରୁଷ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି । ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ ।

MET

# ପାଣିପାଗ

ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର  ସୃଷ୍ଟି ହୋଇଛି । ଆସନ୍ତାକାଲି ସୁଦ୍ଧା ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାକୁ  ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ମତ୍ସ୍ୟଜୀବୀଙ୍କୁ

ଆସନ୍ତାକାଲିଠାରୁ ୪ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।